## ସଂକ୍ଷେପରେ

### କାର୍‌କୁ ପିଟିଲା ବସ୍

ଢେଙ୍କାନାଳ,୨୩।୧୧(ରତନ ନାୟାର)

ଢେଙ୍କାନାଳ ସହର କୁଞ୍ଜକାନ୍ତସ୍ଥିତ ସଦର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ସନ୍ଧ୍ୟା ସାଢେ ୫ଟା ସମୟରେ କଟକରୁ ଅନୁଗୋଳ ଆଡ଼କୁ ଯାଉଥିବା ଏକ ଯାତ୍ରୀବାହୀ ବସ୍ ସମ୍ମୁଖରେ ଯାଉଥିବା ଏକ ଧଳା ରଙ୍ଗର କାରକୁ ପଛ ପଟରୁ ଧକ୍କା ମାରିଥିଲା । ଫଳରେ କାରରେ ଯାଉଥିବା ଯାତ୍ରୀମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ । ଜନଗହଳି ରାସ୍ତାରେ ଦ୍ରୁତ ଗତିରେ ବସ୍ ଚାଳନା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଏହି ଘଟଣାକୁ ନେଇ କିଛି ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା । ଖବରପାଇ ଟାଉନ ଥାନା ପୋଲିସ ଘଟଣା ସ୍ଥଳରେ ପହଁଚିଥିଲେ । ଏ ସଂକ୍ରାନ୍ତରେ ଟାଉନ ଥାନା ଅଧିକାରୀ ପ୍ରଭାତ ସାହୁ କୁହନ୍ତି, ଦୁର୍ଘଟଣା ସମ୍ପର୍କରେ ଫୋନରେ ଖବର ପାଇବା ପରେ ଆମର ପିସିଆର ଭ୍ୟାନ ଘଟଣାସ୍ଥଳରେ ପହଁଚିଥିଲା । କିନ୍ତୁ ବର୍ତ୍ତମାନ ସୁଦ୍ଧା କୌଣସି ଅଭିଯୋଗ ହୋଇନାହିଁ ।

# ଜିଲ୍ଲା ଓକିଲ, ସାମ୍ବାଦିକ ଓ ବଣିକ ସଂଘର ଧାରଣା ନିଷ୍ପତ୍ତି


ଓକିଲ ସଂଘ, ସାମ୍ବାଦିକ ସଂଘ ଓ ବଣିକ ସଂଘର ଜରୁରୀ ବୈଠକ।

**କପିଳାସ ପୀଠ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା**

ଢେଙ୍କାନାଳ,୨୩।୧୧(ରତନ ନାୟାର)

ରାଜ୍ୟ ତଥା ଢେଙ୍କାନାଳ ଜିଲାର ପ୍ରମୁଖ ଶୈବପୀଠ କପିଳାସ ଏବଂ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ବ୍ୟାପକ ଅବ୍ୟବସ୍ଥାକୁ ନେଇ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାର ଏକକିତା ନକଲ ଜିଲା ଓକିଲ ସଂଘ ଓ ଜିଲା ବଣିକ ସଂଘକୁ ପ୍ରଦାନ କରାଯାଇଥିଲା । ଗତ ୨୧ ତାରିଖରେ ଜିଲା ପ୍ରଶାସନ ପକ୍ଷରୁ କପିଳାସ ଅବ୍ୟବସ୍ଥାର ସମାଧାନ ସମ୍ପର୍କରେ ଜିଲାପାଳଙ୍କ ନିର୍ଦ୍ଦେଶରେ ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ସୂଚନା ଦେବା ପାଇଁ ଏକ ବୈଠକ ଡାକିଥିଲେ । ଦେବୋତ୍ତର ଟ୍ରଷ୍ଟର ଚେୟାରମ୍ୟାନ ଖୋଦ ଜିଲାପାଳ ଥିବା ବେଳେ ଏବଂ ତାଙ୍କୁ ଦାବିପତ୍ର ଦିଆଯାଇଥିବା ସତ୍ତ୍ୱେ ସେ ଏ ସମ୍ପର୍କରେ ସୂଚନା ଦେବାକୁ ନ ଆସିବାରୁ ବୈଠକକୁ ଜିଲା ଓକିଲ ସଂଘ, ଜିଲା ସାମ୍ବାଦିକ ସଂଘ ଓ ଜିଲା ବଣିକ ସଂଘ ବର୍ଜନ କରିଥିଲେ ଏବଂ ଶନିବାର ଏ ସମ୍ପର୍କରେ ଏକ ଜରୁରୀ ବୈଠକ ଆୟୋଜନ ପାଇଁ ନିଷ୍ପତ୍ତି ହୋଇଥିଲା। ତଦନୁଯାୟୀ ଶନିବାର ପୂର୍ତ୍ତବିଭାଗ ଡାକ ବଙ୍ଗଳାଠାରେ ଏ ସଂକ୍ରାନ୍ତରେ ଜିଲା ଓକିଲ ସଂଘର ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା । ବୈଠକରେ ଜିଲା ଓକିଲ ସଂଘର ସମ୍ପାଦକ ଟଙ୍କଧର ବେହେରା, ବରିଷ୍ଠ ଆଇନଜୀବୀ ପତିତପାବନ ମିଶ୍ର, ଗୁପ୍ତେଶ୍ୱର ମିଶ୍ର, ପିସି ନାଥ, ଦୀପକ ପ୍ରସାଦ ପଟ୍ଟନାୟକ, ଜିଲା ସାମ୍ବାଦିକ ସଂଘର ସମ୍ପାଦକ ସତ୍ୟ ସ୍ୱରୁପ ଦାସଙ୍କ ସମେତ ଅନ୍ୟ ସଦସ୍ୟମାନେ ଏବଂ ଜିଲା ବଣିକ ସଂଘର ଉପସଭାପତି ରାଜକିଶୋର ବେହେରା ଓ ସମ୍ପାଦକ ଲୋକନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଏଭଳି ଏକ ଗୁରୁତ୍ୱ ସମସ୍ୟାର ସମାଧାନ କିଭଳି କରାଯିବ, ସେ ସମ୍ପର୍କରେ ଜିଲାପାଳ କୌଣସି ସୂଚନା ନଦେବା ଏବଂ ଏହାକୁ ହେୟଜ୍ଞାନ ମନେ କରିବାକୁ ତୀବ୍ର ନିନ୍ଦା କରାଯାଇଥିଲା । ଏହାର ପ୍ରତିବାଦରେ ଆସନ୍ତା ୨୮ ତାରିଖ ଦିନ ଜିଲା ଓକିଲ ସଂଘ, ଜିଲା ସାମ୍ବାଦିକ ସଂଘ ଓ ଜିଲା ବଣିକ ସଂଘ ଆହ୍ୱାନରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପ୍ରଦାନ କରାଯିବ । ଏଥିପୂର୍ବରୁ ୩ ସଂଘର ଏକ ପ୍ରତିନିଧି ଦଳ ଏବଂ କପିଳାସ ପୀଠ ଓ ଜିଲା ମୁଖ୍ୟ ଚିକିତ୍ସାଳୟ ଗସ୍ତ କରି ବିଭିନ୍ନ ସମସ୍ୟାର ଅନୁଧ୍ୟାନ କରିବା ପାଇଁ ନିଷ୍ପତି ହୋଇଛି। ଧାରଣା ପରେ ବି ଯଦି ସମସ୍ୟାର ସମାଧାନ ନ ହେଲା ତେବେ ପରବର୍ତ୍ତି ସମୟରେ ଆଲୋଚନା କରାଯାଇ ଢେଙ୍କାନାଳ ବନ୍ଦ ଭଳି ଜନ ଆନ୍ଦୋଳନ କରାଯିବା ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସାମ୍ବାଦିକ ସଂଘର ଶିଶିର ଶତପଥୀ, ଦେବାଶିଷ ମିଶ୍ର, ବିନୋଦ ମହାନ୍ତି, ଅରବିନ୍ଦ ସାହୁ, ଅଥୟ ସାହୁ, ସୁକାନ୍ତ ମିଶ୍ର, ଲକ୍ଷ୍ମୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଭାଗିତା ବୈଠକ


ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଭାଗିତା ବୈଠକ।

ଢେଙ୍କାନାଳ,୨୩।୧୧(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ଭାଗିରଥୀପୁର ପ୍ରାଥମିକ ବିଦ୍ୟାଳୟଠାରେ କାକୁଡିଭାଗ କ୍ଲଷ୍ଟର ଅଧିନ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଏଫ୍‌ଏଲ୍‌ଏନ୍ ଶିକ୍ଷକମାନଙ୍କର ଏକ ସହଭାଗିତା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ମହେଶ୍ୱର ସାହୁ, ସମ୍ମାନିତ ଅତିଥି ଭାବେ କମିଟି ସଭାପତି ପୀତବାସ ସାହୁ ଓ ମୁଖ୍ୟବକ୍ତା ଭାବେ ପ୍ରଧାନ ଶିକ୍ଷକ ବିଷ୍ଣୁ ମଲ୍ଲିକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ବୈଠକରେ ନଭେମ୍ବର ମାସର ଶୈକ୍ଷିକ କ୍ୟାଲେଣ୍ଡର, ଶିକ୍ଷାର୍ଥୀଙ୍କ ଶିକ୍ଷଣ ଅଭିବୃଦ୍ଧି ପାଇଁ ଯୋଜନା ପ୍ରସ୍ତୁତି, ମାନ ନିର୍ଦ୍ଧାରଣ ଫଳାଫଳକୁ ରେଜିଷ୍ଟରରେ ଲିପିବଦ୍ଧ ଶୈଳୀ, ଲିପିବଦ୍ଧ ତଥ୍ୟର ବିଶ୍ଳେଷଣ, ଶ୍ରେଣୀ ପରିଚାଳନା ସମୟର ସମସ୍ୟା, ନାସ୍ ପରୀକ୍ଷା ପାଇଁ ନମୁନା ପ୍ରଶ୍ନପତ୍ରର ବିଶ୍ଳେଷଣ ଓ କ୍ୟାରିୟର ମାର୍ଗ ଦର୍ଶନ ୱେବ୍‌ସାଇଟ୍ ଆଦି ସଂପର୍କରେ ବିଶଦ ଭାବେ ଆଲୋଚନା କରାଯାଇଥିଲା । ସିଆର୍‌ସିସି ଅର୍ଜୁନ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରସନ୍ନ କୁମାର ବିଶ୍ୱାଳ, ମୌଳିକ ସଂଖ୍ୟାଜ୍ଞାନ ଓ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ମିଶ୍ର ମୌଳିକ ସାକ୍ଷରତା ଉପରେ ପାଠ ଯୋଜନା ପ୍ରସ୍ତୁତ କରି ବୈଠକରେ ଉପସ୍ଥାପନା କରିଥିଲେ। ଶିକ୍ଷକ ଶରତ କୁମାର ବେହେରା ଓ କମିଟି ସଭ୍ୟମାନେ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

# ଜେଏନ୍‌ଭିରେ ପରମାଣୁ ଜ୍ୟୋତି କାର୍ଯ୍ୟକ୍ରମ




ପରଜଙ୍ଗ,୨୩।୧୧(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବ୍ଲକ ସରାଙ୍ଗ ସ୍ଥିତ ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ଶୁକ୍ରବାର ପରମାଣୁ ଜ୍ୟୋତି ଫେଜ-୪ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭାବା ପରମାଣୁ ଅନୁସନ୍ଧାନ କେନ୍ଦ୍ର ମୁମ୍ବାଇର ଲବ୍ଧପ୍ରତିଷ୍ଠିତ ବୈଜ୍ଞାନିକ ଡ. ଦୀପକ ପଣ୍ଡିତ ଓ ଡ. ସୁନିତା ଡାଫୋଉଟିଙ୍କୁ ବିଦ୍ୟାଳୟର ଅଧ୍ୟକ୍ଷ ଡଃ ପ୍ରତିମା ମିଶ୍ର ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଷଷ୍ଠରୁ ଦ୍ୱାଦଶ ପିଲାଙ୍କ ସହିତ କପୋଥକଥନ, ଭିଡିଓ ଶୋ', ପ୍ରଶ୍ନୋତ୍ତୋରୀ, କଲମ ପୁରସ୍କାର ମାଧ୍ୟମରେ ପିଲାଙ୍କ ମଧ୍ୟରେ ବୈଜ୍ଞାନିକ ପ୍ରତିଭାର ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ଜୀବବିଜ୍ଞାନ ଶିକ୍ଷକ କୌଶିକ ମୁଖାର୍ଜୀ, ପଦାର୍ଥ ବିଜ୍ଞାନ ଶିକ୍ଷକ ମୀନକେତନ ସାହୁ, ଇତିହାସ ଶିକ୍ଷକ ପଞ୍ଚାନନ ଜେନା ପରିଚାଳନା କରିଥିଲେ।

# ବ୍ରାହ୍ମଣ ନିଗମ ଗଠନ କରିବାକୁ ସମାଜରେ ପ୍ରସ୍ତାବ

ଆଠମଲ୍ଲିକ,୨୩।୧୧(ଉଦିପ୍ତ ପୁରୋହିତ)

ଷୋଳପଦା ଆଞ୍ଚଳିକ ବୈଦିକ ବ୍ରାହ୍ମଣ ସମାଜର ଏକ ବୈଠକ ଠାକୁରଗଡ଼ ହନୁମାନ ମନ୍ଦିର ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଜନ୍ମେଶ୍ୱର ଶତପଥିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବ୍ରାହ୍ମଣ ମହାସଂଘ ସଭାପତି ବ୍ୟୋମକେଶ ଶତପଥୀ, ଅନ୍ୟତମ ଅତିଥି ଭାବେ ଆଠମଲ୍ଲିକ ବ୍ରାହ୍ମଣ ସମାଜ ସଭାପତି ରାଧାମୋହନ ତ୍ରିପାଠୀ, ସମ୍ପାଦକ ରଣ୍‌ଜିତ କୁମାର ମିଶ୍ର, ଭବାନୀ ଶଙ୍କର ମିଶ୍ର, ବାମନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ଶଙ୍କର କୁମାର ଦାଶ, ଅଶୋକ କୁମାର ମିଶ୍ର, ମଦନ ମୋହନ ମିଶ୍ର, ବିଜୟ କୁମାର ମିଶ୍ର ଯୋଗଦେଇ ଠାକୁରଗଡ଼ ବ୍ରାହ୍ମଣ ସମାଜର ଏକତା ଓ ସଂଗଠନ ଉପରେ ଆଲୋକପାତ କରିଥିଲେ । ମହାସଂଘ ସଭାପତି ସରକାରୀସ୍ତରରେ ବ୍ରାହ୍ମଣ ନିଗମ ଗଠନ ଓ ବ୍ରାହ୍ମଣମାନଙ୍କ ପାଇଁ ଚାକିରୀରେ ସରଂକ୍ଷଣ ବ୍ୟବସ୍ଥା ଲାଗୁ କରିବା ଉପରେ ଆଲୋଚନା କରିଥିଲେ । ଠାକୁରଗଡ଼ ବ୍ରାହ୍ମଣ ସମାଜର ଉନ୍ନତି ନିମନ୍ତେ ସମ୍ମିଳିତ ହୋଇ କାର୍ଯ୍ୟ କରିବା ଉପରେ ପ୍ରସ୍ତାବ ଗୃହୀତ ହେବା ସହ କମିଟି ଗଠନ କରାଯାଇଥିଲା। କମିଟିରେ ସଭାପତି ବିଶ୍ୱେଶ୍ୱର ଶତପଥୀ, ଉପ ସଭାପତି ଅଶୋକ କୁମାର ମିଶ୍ର, ସମ୍ପାଦକ କୁମୁଦ ମିଶ୍ର, ସହ ସମ୍ପାଦକ ଦିଲୀପ କୁମାର ନନ୍ଦ, କୋଷାଧ୍ୟକ୍ଷ ପ୍ରଶାନ୍ତ ଶତପଥୀ, ସଭ୍ୟ ଅଜିତ କୁମାର ମିଶ୍ର, କେଶବ ଚନ୍ଦ୍ର ଶତପଥୀ, ଲୋକନାଥ ତ୍ରିପାଠୀ, ଭୋଳେଶ୍ୱର ମିଶ୍ର, ସୁନିଲ କୁମାର ମିଶ୍ର, ବିନୟ କୁମାର ମିଶ୍ର ମନୋନୀତ ହୋଇଥିଲେ। ଶେଷରେ ଅଶୋକ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ସମସ୍ୟାଭିତ୍ତିକ ଦାବି ନେଇ ଡିସେମ୍ବରରୁ ଆନ୍ଦୋଳନ ହେବ: ମହେଶ ସାହୁ

ତାଲଚେର, ୨୩।୧୧ (ମନୋଜ ନନ୍ଦ)

ତାଳଚେର ଶିଳ୍ପାଞ୍ଚଳରେ ବଢିଚାଲିଛି ବିସ୍ଥାପିତଙ୍କ ସମସ୍ୟା। ପ୍ରଦୂଷିତ ହେଉଛି ଜଳବାୟୁ। ଶିକ୍ଷା ଗମନା ଗମନ ପରି ମୌଳିକ ଅଧିକାରକୁ ଛଡ଼ାଇ ନେଇଛନ୍ତି କୋଇଲା ଖଣି କମ୍ପାନୀ ଓ ଏଠାରେ ଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ। ସେଥିପାଇଁ ଏଠାକାର ଅଞ୍ଚଳବାସୀ ବଞ୍ଚିବା କଷ୍ଟକର ବ୍ୟାପାର ହୋଇପଡିଛି। ତେଣୁ ଏହି ଅଞ୍ଚଳର ସ୍ୱାର୍ଥ ନିହିତ ଦୃଷ୍ଟିରୁ କେନ୍ଦ୍ର ସରକାର ଅବିଳମ୍ବେ କୋଇଲା ରୟାଲ୍‌ଟି ବୃଦ୍ଧି ସହିତ ବିନା ପାଲ ଘୋଡ଼ାରେ ଟ୍ରକ ଓ ରେଳରେ କୋଇଲା ପରିବହନ ଉପରେ ରୋକଲାଗିବା ସହିତ ପରିବେଶ ସନ୍ତୁଳନ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ନେଇ ଖୁବଶୀଘ୍ର ଅର୍ଥାତ ଡିସେମ୍ବର ମାସରେ ଯେ କୌଣସି ସମୟରେ ଆନ୍ଦୋଳନ ଆରମ୍ଭ କରାଯିବ ବୋଲି ଢେଙ୍କାନାଳର ପୂର୍ବତନ ଏମ୍‌ପି ତଥା ବିଜେଡିର ବରିଷ୍ଠ ନେତା ମହେଶ ସାହୁ ଏକ ପ୍ରେସ ବିବୃତ୍ତିରେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ଏହି ସବୁ ସମସ୍ୟା ନେଇ ଆଗରୁ ଶ୍ରୀ ସାହୁ କମ୍ପାନୀ କର୍ତ୍ତୃପକ୍ଷ ଓ ପ୍ରଶାସନକୁ ଲିଖିତ ଭାବେ ଆପତ୍ତି ଅଭିଯୋଗ କରିଥିଲେ ସୁଦ୍ଧା ଏହାର ସମାଧାନ କରିବାରେ ଉଭୟେ ବିଫଳ। ତେଣୁ ଏହାର ସମାଧାନ ପାଇଁ ଆନ୍ଦୋଳନ ଏକମାତ୍ର ବିକଳ୍ପ ପନ୍ଥା ବୋଲି ଶ୍ରୀ ସାହୁ ଚେତାବନୀ ଦେଇଛନ୍ତି ।

# ଅଧାରୁ କାମ ଛାଡ଼ି ଠିକାଦାର ଛୁ

**ନୋଟିସ ଜାରିକଲା ବିଭାଗ, କାମ ନ କଲେ କଳା ତାଲିକାଭୁକ୍ତ କରାଯିବ**

ପରଜଙ୍ଗ, ୨୩।୧୧(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବ୍ଲକ ୫୩ ନଂ ଜାତୀୟ ରାଜପଥର ବାରିହାପୁର ବାଇପାସ୍‌ଠାରୁ ହାତିଲୁଚାଣୀ ବାଇପାସ ପର୍ଯ୍ୟନ୍ତ ପରଜଙ୍ଗ ବଜାର ଦେଇ ଯାଇଥିବା ରାସ୍ତାର ଉନ୍ନତୀକରଣ ନିମନ୍ତେ ୪୦୫୦ ମିଟର ପାଇଁ ୯ କୋଟି ୮୧ଲକ୍ଷ ଟଙ୍କା ବ୍ୟୟ ଅଟକ କରାଯାଇଥିଲା। ଠିକାଦାର ପ୍ରଦୀପ ପ୍ରଧାନ କାର୍ଯ୍ୟ କରିବାକୁ ଟେଣ୍ଡର ପାଇ ୧୯।୨।୨୦୨୩ରେ ଭିତ୍ତିପ୍ରସ୍ତର ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୪୦୫୦ ମିଟର ରାସ୍ତା ମଧ୍ୟରୁ ୮୦୦ ମିଟର କଂକ୍ରିଟ ବାକି ୩୨୫୦ ମିଟର ପିଚୁ ହେବାର ଯୋଜନା କରାଯାଇଥିଲା। ଏଥିସହ ବଜାର ମଧ୍ୟରେ ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ ଯୋଜନା ଥିଲା। ୨୦୨୩ ନଭେମ୍ବର ମାସ ସୁଦ୍ଧା କାର୍ଯ୍ୟ ସମ୍ପନ୍ନ ହେବାକୁ ଧାର୍ଯ୍ୟ ରଖାଯାଇଥିଲା। କିନ୍ତୁ ଅବଧିକୁ ଏକ ବର୍ଷ ପୂରିଯାଇଥିଲେ ମଧ୍ୟ ଡିହଡୋଳଠାରେ ରାସ୍ତାକାମ ଓ ଡ୍ରେନ କାମ, ପରଜଙ୍ଗ ବଜାରରେ ଡ୍ରେନ କାମ, ଖଣ୍ଡିଆବନ୍ଧ ତଳେ ରାସ୍ତା କାମ ବାକି ରହିଛି। ପରଜଙ୍ଗ ବଜାରରେ ଡ୍ରେନ ଅଧା ମୁକୁଳା ହୋଇ ରହିଛି। ଫଳରେ ଗୋରୁ, ଗାଈ ସହ ସାଇକେଲ ଆରୋହୀ ଡ୍ରେନରେ ପଡ଼ି ଆହତ ହେଉଛନ୍ତି। ଡ୍ରେନ ନିର୍ମାଣ ପାଇଁ ବହୁ ଦୋକାନ ଉଚ୍ଛେଦ କରାଯାଇଥିଲା। ତେଣୁ ଆଗାମୀ ଦିନରେ ଦୋକାନୀମାନେ ଆନ୍ଦୋଳନ କରିବାକୁ ମଧ୍ୟ ଚେତାବନୀ ଦେଇଛନ୍ତି। କାର୍ଯ୍ୟ ତଦାରଖ କରୁଥିବା ଇନଚାର୍ଜ ଦିଲୀପ ପ୍ରଧାନଙ୍କୁ ପଚାରିବାରୁ ବର୍ତ୍ତମାନ ଅର୍ଥ ଅଭାବରୁ କାର୍ଯ୍ୟ ସମ୍ପୂର୍ଣ କରାଯାଇ ପାରୁନାହିଁ। ଅର୍ଥ ଆସିଲେ କାର୍ଯ୍ୟ ହେବ ବୋଲି କହିଛନ୍ତି। ବିଭାଗୀୟ ଯନ୍ତ୍ରୀ କୁନାରାମ ମହନ୍ତ କହିଛନ୍ତି ଠିକାଦାର ପ୍ରଦୀପ ପ୍ରଧାନଙ୍କୁ ନୋଟିସ ଜାରି କରାଯାଇଛି। ତୁରନ୍ତ କାର୍ଯ୍ୟ ଶେଷ ନ କଲେ କଳାତାଲିକାଭୁକ୍ତ କରାଯିବ। ତେବେ ଠିକାଦାର ପ୍ରଦୀପ ପ୍ରଧାନଙ୍କ ମୋବାଇଲ ନମ୍ବର ୯୪୩୭୦୩୧୯୯୪ ରେ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ସେ ଫୋନ ଉଠାଇ ନ ଥିଲେ।



# ଶ୍ରୀସତ୍ୟସାଇଙ୍କ ୯୯ତମ ଜନ୍ମ ଦିବସ ପାଳନ



ଢେଙ୍କାନାଳ,୨୩।୧୧(ରତନ ନାୟାର)

ଢେଙ୍କାନାଳ ଶ୍ରୀସତ୍ୟସାଇ ବାବାଙ୍କର ୯୯ତମ ଜନ୍ମ ଦିବସ ଉପଲକ୍ଷେ ଶନିବାର ଶ୍ରୀସତ୍ୟସାଇ ସେବା ସମିତି, ପିଡବ୍ଲୁଡି କଲୋନୀଠାରେ ପ୍ରାତଃ ୪ଟା ୪୫ ମିନିଟଠାରୁ ରାତି ୯ଟା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାତଃ ସମୟରେ ସୁପ୍ରଭାତମ୍, ନଗର ସଂକୀର୍ତ୍ତନ ଓ ଜପ ହୋଇଥିଲା। ପରେ ପରେ ଦିବ୍ୟ ପ୍ରଶାନ୍ତି ଧ୍ୱଜା ଉତ୍ତୋଳନ, ଷୋଡ଼ଶ ଉପଚାର ପୂଜା ଓ ହୋମ ଅନୁଷ୍ଠିତ ହୋଇଥିଲା । ଏହା ସହିତ ନାରାୟଣମାନଙ୍କୁ ଅମୃତ କଳସ ପ୍ରଦାନ, ବସ୍ତ୍ର, ବିଭୂତି ଓ ଲଡୁ ପ୍ରସାଦ ବଣ୍ଟନ କରାଯାଇଥିଲା। ମନ୍ଦିରରେ ପ୍ରେମ ସଞ୍ଜିବନୀ ରକ୍ତଦାନ ଶିବିର ଅନଷ୍ଠିତ ହୋଇ ୩୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ମଧ୍ୟାହ୍ନ ସମୟରେ ନାରାୟଣ ସେବା ଓ ପ୍ରସାଦ ସେବନ ହୋଇଥିଲା। ସନ୍ଧ୍ୟାରେ ଦିବ୍ୟ ପ୍ରଶାନ୍ତି ଧ୍ୱଜା ଅବତରଣ ସହ ବେଦ ପଠନ ସାଇ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ, ଭଜନ, ଜ୍ୟୋତି ଆବାହନ, କୃତଜ୍ଞତାର କାର୍ଡ ଅର୍ପଣ, ଜନ୍ମଦିନ କେକ୍ ଅର୍ପଣ, ସଙ୍ଗୀତ ପରିବେଷଣ, ଆଧ୍ୟାତ୍ମିକ ଆଲୋଚନା, ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମଙ୍ଗଳ ଆରତୀ ଅର୍ପଣ କରି ଭଗବାନଙ୍କର ଶ୍ରୀପାଦପଦ୍ମରେ ଅର୍ପଣ କରାଯାଇଥିଲା ।

# ବାଙ୍ଖେଶ୍ୱର ନାଟ୍ୟ ପରିଷଦ ପକ୍ଷରୁ ନିର୍ଦ୍ଦେଶକ ଓ ଗ୍ରାମ ସଭାପତିଙ୍କୁ ସମ୍ବର୍ଦ୍ଧନା



ପରଜଙ୍ଗ, ୨୩।୧୧(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଗ୍ରାମ ବାଙ୍ଖେଶ୍ୱର ନାଟ୍ୟ ପରିଷଦର କଳାକାରମାନେ ପରଜଙ୍ଗ କଲ୍ୟାଣ ମଣ୍ଡପଠାରେ ଚଳିତ ବର୍ଷ ଦଶହରା ମଞ୍ଚରେ ଅଭିନୀତ ନାଟକ 'କେତେ ଦୁଃଖ ଦେବୁ କହ ଦଇବ'ର ନିର୍ଦ୍ଦେଶକ ଜିତୁ ସାର ଓ ଗ୍ରାମ ସଭାପତି ସାନ୍ତନୁ କୁମାର ସାମଲଙ୍କୁ ନାଟ୍ୟ ପରିଷଦର କଳାକାରମାନେ ସମ୍ବର୍ଦ୍ଧନା ଜଣାଇଛନ୍ତି। ଉକ୍ତ ସମ୍ବର୍ଦ୍ଧନା ସଭାରେ ନାଟ୍ୟ ପରିଷଦର ବରିଷ୍ଠ କଳାକାର ଗୋକୁଳାନନ୍ଦ ଖିଲାର, ବୀରେନ୍ଦ୍ର ଦଳବେହେରା, ରଞ୍ଜନ କୁମାର ଦଳବେହେରା, ଅଜୟ କୁମାର ସାମଲ, ବିଦ୍ୟାଧର ସେଠୀ, ହାଡିବନ୍ଧୁ ଦଳବେହେରା, ନୃସିଂହ ଚରଣ ବେହେରା, ଅଜୟ କୁମାର ବେହେରା, ସନ୍ତୋଷ କୁମାର ସାହୁ, ଭୀମସେନ ଖଟୁଆ, ଅଶୋକ ଦଳେଇ, କାଳନ୍ଦୀ ଚରଣ ଦଳବେହେରା, ଦୁଷ୍ମନ୍ତ ମହାରଣା, ଜଗତ ରାଉତ, ଯତୀନ ବଳିୟାରସିଂ, ବନୁ ଦଳବେହେରା ଓ ନାଟ୍ୟପରିଚାଳକ ସର୍ବେଶ୍ୱର ଦଳବେହେରାଙ୍କ ସମେତ ଅନୁଷ୍ଠାନର ସମସ୍ତ କଳାକାର ଉପସ୍ଥିତ ରହି ସମ୍ବର୍ଦ୍ଧନା ଜଣାଇଥିଲେ।

# ପ୍ରକୃତି ଓ ପରିବେଶ କଥା ଭାବିବା ବେଳେ ନବକୃଷ୍ଣଙ୍କ ଜୀବନ ଆଜି ପ୍ରାସଙ୍ଗିକ

ଅନୁଗୋଳ, ୨୩।୧୧
(ଜ୍ୟୋତିରଞ୍ଜନ ସାହୁ)




ବିପ୍ଳବୀ ଜନନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୧୨୩ତମ ଜୟନ୍ତୀ ଅବସରରେ ଏକ ରାଜ୍ୟସ୍ତରୀୟ ପ୍ରକୃତି ଓ ପରିବେଶ ସମ୍ମିଳନୀ ଅନୁଗୋଳ ସହରସ୍ଥିତ ବାଜି ରାଉତ ଛାତ୍ରାବାସ ଓ ଉତ୍କଳ ନବଜୀବନ ମଣ୍ଡଳର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ବିଶିଷ୍ଟ ପରିବେଶବିତ ତଥା ଗ୍ରୀନ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରା ଯୋଗଦେଇ କହିଥିଲେ ଯେ, ପରିବେଶ କହିଲେ ବୃକ୍ଷ ରୋପଣ ନୁହେଁ, ଜଳ, ଜଙ୍ଗଲ, ମାଟି, ଆକାଶର ସମ୍ବର୍ଦ୍ଧନା ଓ ସଂରକ୍ଷଣକୁ ପରିବେଶ ସୁରକ୍ଷା କୁହାଯାଇଥାଏ। ୨୦୧୫ରେ ପ୍ୟାରିସ ପରିବେଶ ସମ୍ମିଳନୀରେ ଭାରତ ସରକାର ଆଉ କୋଇଲା ଖଣି ଖୋଲିବେ ନାହିଁ ବୋଲି ସମଗ୍ର ବିଶ୍ୱକୁ କହି ଆସିଥିବା ବେଳେ ଛେଣ୍ଡିପଦା ସମେତ ବିଭିନ୍ନ ଅଞ୍ଚଳରେ କୋଇଲା ଖଣି ଖୋଲିବା ବିଶ୍ୱବାସୀଙ୍କ ପ୍ରତି ବିଶ୍ୱାସଘାତକତା । ଖଣି ଖୋଳା ଓ ବୃହତ ଶିଳ୍ପ ସ୍ଥାପନରେ ଯେଉଁ ପୁଞ୍ଜି ସରକାର ସଂଗ୍ରହ କରୁଛନ୍ତି, ଆମ୍ବ ଟାକୁଆ ଖାଇ ଲୋକେ ମରୁଥିବାବେଳେ ତାହା କାହା ସ୍ୱାର୍ଥରେ ଖର୍ଚ୍ଚ ହେଉଛି ବୋଲି ପ୍ରଶ୍ନ କରିଥିଲେ। ସେ ପ୍ରକୃତି ଓ ପରିବେଶ କଥା ଭାବିବା ବେଳେ ନବକୃଷ୍ଣ ଚୌଧୁରୀଙ୍କ ଜୀବନ ଆଜି ପ୍ରାସଙ୍ଗିକ ବୋଲି କହିଥିଲେ। ଅନ୍ତର୍ଯ୍ୟାମୀ ବରାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୃଷ୍ଣା ମହାନ୍ତି, ଡ. ନନ୍ଦକିଶୋର ମହାକୁଡ, ଶୈଳଜ ରବି, ସସ୍ମିତା ବେହେରା, ଜ୍ଞାନ ରଞ୍ଜନ ନାୟକ, ବିଦ୍ୟାଧର ବେହେରା, ଡାକ୍ତର ବିଶ୍ୱଜିତ, ଇନ୍ଦିରା ଦାଶ, ପ୍ରଦ୍ୟୁମ୍ନ ନାୟକ, ଶୈଳେଶ ଦାସଗୁପ୍ତ, ଆଦ୍ୟଶ୍ଳୋକ ମିଶ୍ର, ସୂର୍ଯ୍ୟନାରାୟଣ ନାଥ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସମ୍ପାଦକ ଇଂ. ଧନେଶ୍ୱର ସାହୁ ସ୍ୱାଗତ ଭାଷଣ ଦେଇଥିଲେ ଓ ମୁରଲୀଧର ମୂଳିଆ ଧନ୍ୟବାଦ ଅର୍ପଣ କରିଥିଲେ। ଲିପିକା ମହାପାତ୍ର ଓ ଛାତ୍ରୀମାନେ ସାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଡ. ଚୈତନ୍ୟ ସାହୁଙ୍କ ଲିଖିତ 'ପ୍ରଜ୍ଞାପୁରୁଷ ଗୋପବନ୍ଧୁ ଚୌଧୁରୀ' ପୁସ୍ତକ ଉନ୍ମୋଚିତ ହୋଇଥିଲା।

# ଆଧୁନିକ ଓଡ଼ିଶା ଗଠନରେ ନବକୃଷ୍ଣ ଚୌଧୁରୀଙ୍କ ଭୂମିକା ଅତୁଳନୀୟ

**୧୨୩ତମ ଜୟନ୍ତୀ ପାଳିତ**

ଅନୁଗୋଳ,୨୩।୧୧ (ମାନସ ବିଶ୍ୱାଳ)



ଅନୁଗୋଳ ସହର ସ୍ଥିତ ସଭାଘରଠାରେ ଶନିବାର ମହାନ ଜନନାୟକ, ସର୍ବୋଦୟ ନେତା, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ନବକୃଷ୍ଣ ଚୌଧୁରୀଙ୍କ ୧୨୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲାପାଳ ଅବଦାଲ ମୁହମ୍ମଦ ଅକ୍ତର ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଜିଲା ମଙ୍ଗଳ ଅଧିକାରୀ ଦିଲିପ କୁମାର ମିଶ୍ର, ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ବିଶ୍ୱଭୂଷଣ, ଜିଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାଏକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ବାଜିରାଉତ ଛାତ୍ରାବାସର ଅନ୍ତେବାସୀ, ବୁଦ୍ଧିଜୀବୀ ଓ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଏକ ଜିଲାସ୍ତରୀୟ ସଭା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବକୃଷ୍ଣ ଚୌଧୁରୀଙ୍କ ସରଳ ଜୀବନଯାପନ, ସାମାଜିକ ସେବା ମନୋଭାବ, ପିଲାମାନଙ୍କ ପ୍ରତି ସ୍ନେହ ଭାବ ଭବିଷ୍ୟତ ପିଢି ପାଇଁ ପ୍ରେରଣାଦାୟକ ବୋଲି କହିଥିଲେ। ସମ୍ମାନିତ ବକ୍ତା ଭାବେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ସର ସ୍ୱର୍ଗତଃ ଚୌଧୁରୀଙ୍କ ଜୀବନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହ ଛାତ୍ରୀଛାତ୍ରମାନଙ୍କୁ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ସଭାପତି, ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଡ.ଧରଣୀଧର ନାଥ ଯୋଗଦେଇଥିଲେ। ସ୍ୱାଧୀନତା ସଂଗ୍ରାମ ଓ ଆଧୁନିକ ଓଡ଼ିଶା ଗଠନରେ ସ୍ୱର୍ଗତ ଚୌଧୁରୀଙ୍କ ଭୂମିକା ଅତୁଳନୀୟ ଥିଲା। ସମାଜର ଦଳିତ, ନିଷ୍ପେଷିତ ଜନସାଧାରଣଙ୍କ ହାତରେ ମଶାଲ ଧରାଇ ଠିକ ଦିଗଦର୍ଶନ ଦେଖାଇଥିବାରୁ ତାଙ୍କୁ ଲୋକନାୟକ ଏବଂ ଜନନାୟକ ବୋଲି କୁହାଯାଏ। ଏହି ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

